## ଓଲଟି ପଡିଲା ପେଟ୍ରୋଲ ଟ୍ୟାଙ୍କର

ତେନ୍ତୁଲିଖୁଣ୍ଟି, (ଡି.ଏନ୍.ଏ.): ନବରଙ୍ଗପୁର-ପୂଜାରୀଗୁଡା ନିକଟରେ ବୁଧବାର ଏକ ପେଟ୍ରୋଲ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ ହୋଇଛି। ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମଙ୍ଗଳବାର ପେଟ୍ରୋଲ ଟ୍ୟାଙ୍କର ଇନ୍ଦ୍ରାବତୀସ୍ଥିତ ପେଟ୍ରୋଲ ପମ୍ପକୁ ଆସିଥିଲା। ଟ୍ୟାଙ୍କର ଖାଲି କରି ବୁଧବାର ସକାଳୁ ପାରାଦ୍ୱୀପ ଅଭିମୁଖେ ବାହାରିଥିଲା। ପୂଜାରୀଗୁଡା ନିକଟରେ ଟ୍ୟାଙ୍କର ସମ୍ମୁଖକୁ ଏକ ଗାଈ ଚାଲି ଆସିଥିଲା। ଡ୍ରାଇଭର ଜଣଙ୍କ ଗାଈଟିକୁ ବଞ୍ଚାଇବାକୁ ଚେଷ୍ଟା କରି ଗାଡି ବୁଲାଇବାବେଳେ ଭାରସାମ୍ୟ ହରାଇ ଧାନକ୍ଷେତକୁ ଓଲଟି ପଡିଥିଲା। ତେନ୍ତୁଲିଖୁଣ୍ଟି ଥାନାଧିକାରୀ ପ୍ରମୋଦ ନାୟକ, ଏସ୍. ଆଇ ପର୍ଶୁରାମ ସାହୁ, ଏଏସ୍ଆଇ କୁବେର ଦିଗା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଟ୍ୟାଙ୍କରଟିକୁ ଉଦ୍ଧାର କରିବା ବ୍ୟବସ୍ଥା କରିଥିଲେ।

### ସଂକ୍ଷେପରେ

## ୪ କିଲୋ ୨୫୦ ଗ୍ରାମ ରୂପା ଗହଣା ଜବତ



ନବରଙ୍ଗପୁର,୨୧।୪(ବି.ପ୍ର.): ନବରଙ୍ଗପୁର ନୂଆବନ୍ଧ ସାହିସ୍ଥିତ ଶ୍ରୀ ହରି ଜୁଏଲର୍ସରୁ ୧୬ ତାରିଖରେ ହୋଇଥିବା ଏକ ଚୋରି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଏହି ଘଟଣାରେ ୨ ନାବାଳକ ଅଟକ ଥିବା ଏସ୍ପି ପ୍ରହ୍ଲାଦ ସାହାଇ ମୀନା ବୁଧବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ନବରଙ୍ଗପୁର ହିର୍ଲି ଉପର ସାହିର ଡମ୍ବୁ ଜାନୀ(୨୦), କୋରାପୁଟ ଜିଲା ବୋରିଗୁମ୍ମା ଥାନା ଅଧୀନ ନୂଆଗୁଡା ଗାଁର ମିନା ହରିଜନ(୨୫)। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ନାବାଳକ ୨ଜଣଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ ନିକଟରେ ହାଜର ପରେ ତାଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରିବ ବୋଲି ସୂଚନା ମିଳିଛି। ପୋଲିସ ସେମାନଙ୍କଠାରୁ ୪ କିଲୋ ୨୫୦ ଗ୍ରାମ ରୂପା ଗହଣା ଓ ଏକ ଲୁହାଛଡ଼ ଜବତ କରିଛି।

## ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ



ନବରଙ୍ଗପୁର, ୨୧।୪(ବି.ପ୍ର.): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଡକ୍ଟର ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ ନବରଙ୍ଗପୁର ଜିଲା ପ୍ରଶାସନ ପକ୍ଷରୁ ପାଳନ କରାଯାଇଛି । ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ କରୋନା କଟକଣାରେ ସୀମିତ ପଦାଧିକାରୀ, ବ୍ୟକ୍ତିବିଶେଷ ଓ ଖବରଦାତାଙ୍କୁ ନେଇ ଏହା ପାଳିତ ହୋଇଛି। ଉପଜିଲାପାଳ ଭାସ୍କର ରଇତ ମୁଖ୍ୟ ଅତିଥି, କେଦାର ତ୍ରିପାଠୀ, ଡକ୍ଟର ବିଜୟ କୁମାର ମିଶ୍ର, ନାରାୟଣ ପଣ୍ଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ସ୍ଥାନୀୟ ସଦାଶିବ ତ୍ରିପାଠୀ ପାର୍କସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ହଜିଥିବା ଝିଅକୁ ଖୋଜି ଆଣିଲେ ୩ ଯୁବକ

ମାଲକାନଗିରି,୨୧।୪(ଡି.ଏନ୍.ଏ.): ମାଲକାନଗିରି ଷ୍ଟେଟ୍ ବ୍ୟାଙ୍କରେ ଟଙ୍କା ଜମା କରିବାକୁ ମଙ୍ଗଳବାର ସ୍ଥାନୀୟ ମାରିୱାଡା ଗ୍ରାମର ଗାୟତ୍ରୀ ପୂଜାରୀ ଭାଇ ଜଗା ମାଡକାମିଙ୍କ ସହ ୪ ବର୍ଷର ଝିଅ ନିତାଶ୍ରୀଙ୍କୁ ଧରି ଯାଇଥିଲେ। ବ୍ୟାଙ୍କରେ କାର୍ଯ୍ୟରେ ଉଭୟେ ବ୍ୟସ୍ତଥିବାବେଳେ ନିତାଶ୍ରୀ ବ୍ୟାଙ୍କ ଭିତରୁ କେଉଁଆଡ଼େ ଚାଲିଯାଇଥିଲେ। ବ୍ୟାଙ୍କ କାମ ସରିବା ପରେ ଗାୟତ୍ରୀ ଓ ଜଗା ଝିଅକୁ ଖୋଜି ଥିଲେ। ଝିଅ ଆଖପାଖରେ ନ ଥିବାରୁ ଚିନ୍ତାରେ ପଡ଼ିଥିଲେ। ବ୍ୟାଙ୍କକୁ କାମରେ ଯାଇଥିବା ୩ଜଣ ଯୁବକ ଦିଲୀପ ଦଣ୍ଡପାଟ, ଶିବପ୍ରସାଦ ଦାସ ଓ ପ୍ରଶାନ୍ତ ତହସିଲଦାର ବ୍ୟାଙ୍କରେ ଲାଗିଥିବା ସିସିଟିଭି ଫୁଟେଜରୁ ଝିଅଟିର ଫଟୋ ଉଠାଇ ସହରରେ ତାକୁ ଖୋଜାଖୋଜି କରି ୪ ଘଣ୍ଟା ପରେ ପୌର ପରିଷଦ ନିକଟସ୍ଥ ମୁଖ୍ୟ ସଡ଼କ ଉପରେ ଝିଅଟି ବୁଲୁଥିବା ଦେଖି ତାକୁ ଉଦ୍ଧାରକରି ମାଆ ଗାୟତ୍ରୀ ଓ ମାମୁ ଜଗାଙ୍କୁ ହସ୍ତାନ୍ତର କରିଥିଲେ। ସ୍ଥାନୀୟ ଯୁବକଙ୍କ ଏଭଳି ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ସାହିତ୍ୟିକଙ୍କ ସ୍ମୃତିସଭା

କୋରାପୁଟ,୨୧।୪(ସ୍ୱ.ପ୍ର.): ସାହିତ୍ୟିକ, ଉଦ୍‌ଘୋଷକ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. କୁମରମଣି ସାହୁ (୭୮)ଙ୍କ ପରଲୋକ ହୋଇଛି। ସେ ତାଙ୍କ ଝିଅ ପାଖକୁ ଆଗ୍ରା ଯାଇଥିବାବେଳେ ସେଠାରେ ତାଙ୍କର ହୃଦ୍‌ରୋଗଜନିତ ସମସ୍ୟା ଦେଖାଦେବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସାହୁଙ୍କ ସୋମବାର ମୃତ୍ୟୁ ହୋଇଥିଲା। ସେ ଡିଏଭି କଲେଜରେ ପ୍ରାଧ୍ୟାପକ ଭାବେ ଚାକିରିରୁ ଅବସର ନେଇଥିଲେ। ଶାବର ଶ୍ରୀକ୍ଷେତ୍ରର ଜଣେ ସକ୍ରିୟ ସଦସ୍ୟ ରୂପେ କାର୍ଯ୍ୟ ତୁଲାଉଥିଲେ। ତାଙ୍କ ଦେହାନ୍ତ ଖବର ପାଇ ମଙ୍ଗଳବାର କୋରାପୁଟ କୋଟସଠାରେ ଏକ ସ୍ମୃତିସଭା ହୋଇଥିଲା। କୋଟସର ନିର୍ଦ୍ଦେଶକ ଡ. ପି.ସି. ମହାପାତ୍ର, ପୂର୍ବତନ ଜିଲାପାଳ ଗଦାଧର ପରିଡ଼ା, ପ୍ରାଧ୍ୟାପକ ଡ. ଜଗବନ୍ଧୁ ସାମଲ, ନାରାୟଣ ପଣ୍ଡା, ପ୍ରଫେସର ରବିନାରାୟଣ ପାତ୍ର, ଗୋପୀନାଥ ପ୍ରଧାନଙ୍କ ସମେତ ଅନ୍ୟମାନେ ଥିଲେ।

# ୨ ଏଏଲ୍ଏସ ଆମ୍ବୁଲାନ୍ସ, ୪ଶହ ଅକ୍ସିଜେନ ସିଲିଣ୍ଡର ମହଜୁଦ

### କୋଭିଡ୍ ସଂକ୍ରମଣ ରୋକିବାକୁ ଜିଲା ପ୍ରଶାସନର ପ୍ରସ୍ତୁତି

- ୪ ସ୍ଥାନରେ ସେବା ବ୍ୟବସ୍ଥା ଚୂଡାନ୍ତ
- ଚିନ୍ତା ବଢ଼ାଉଛି ଡାକ୍ତର ଅଭାବ
- ଜିଲାରେ ୧୦୮ ଡାକ୍ତର, ୫୭ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି



ନବରଙ୍ଗପୁର,୨୧।୪(ବି.ପ୍ର.)

କରୋନା ସଂକ୍ରମଣ ଦିନକୁ ଦିନ ବଢୁଛି। ଏହାକୁ ନଜରରେ ରଖି ନବରଙ୍ଗପୁର ପ୍ରଶାସନ ବ୍ୟାପକ ବ୍ୟବସ୍ଥା ହାତକୁ ନେଇଛି। ବର୍ଦ୍ଧିତ ସଂକ୍ରମଣକୁ ଦୃଷ୍ଟିରେ ରଖି ବିଏଡ କଲେଜରେ ୨ଶହ ବେଡ୍‌ର ଜିଲା କୋଭିଡ ହେଲ୍‌ଥ ସେଣ୍ଟର ଖୋଲାଯାଇଛି। ବର୍ତ୍ତମାନ ସେଠାରେ ୪୨ ଜଣ ଚିକିତ୍ସିତ ହେଉଛନ୍ତି। ରୋଗୀ ସଂଖ୍ୟା ବୃଦ୍ଧିକୁ ଦେଖି ଉମରକୋଟ କଳିଙ୍ଗ ମଡେଲ ରେସିଡେନ୍ସିଆଲ ସ୍କୁଲରେ ୨ଶହ ଶଯ୍ୟା ବିଶିଷ୍ଟ ଓ ନବରଙ୍ଗପୁର ତିର୍ଲି ଆମ୍ବଗୁଡାସ୍ଥିତ ଅନ୍ୱେଷା ବିଦ୍ୟାଳୟରେ ୧୯୮ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର ଖୋଲାଯିବା ପ୍ରକ୍ରିୟା ଚୂଡାନ୍ତ ହୋଇଛି। ଅନ୍ୟ ପକ୍ଷେ ଜିଲା ସଦର ମହକୁମା ଡାକ୍ତରଖାନାରେ ୧୦ଟି ବେଡର ଏକ କୋଭିଡ ଆଇସୋଲେସନ ୱାର୍ଡ ବ୍ୟବସ୍ଥା ରହିଛି। ଜିଲା କୋଭିଡ୍ ହେଲ୍‌ଥ ସେଣ୍ଟରରେ ଜଣେ ଡାକ୍ତର, ୩ ପିଜି ବିଶେଷଜ୍ଞ ଡାକ୍ତର, ୧୦ ଷ୍ଟାଫ୍ ନର୍ସ, ୩ ଫର୍ମାସିଷ୍ଟ, ୨ ଲ୍ୟାବ ଟେକ୍ନିସିଆନ, ୩ ଆଟେଣ୍ଡାଣ୍ଟ ଓ ୬ ସେନିଟାଇଜର ୱାର୍କର ନିୟୋଜିତ କରାଯାଇଛି। ଜିଲାରେ ଅକ୍ସିଜେନ ଆବଶ୍ୟକତା ଦୃଷ୍ଟିରୁ ବିଭିନ୍ନ ଡାକ୍ତରଖାନାରେ ୩୫୦ ସିଲିଣ୍ଡର ରଖାଯାଇଛି। ସେଥିମଧ୍ୟରୁ ୧୦୭ଟି କୋଭିଡ ମହଜୁଦ ଅଛି। ହସ୍ପିଟାଲରେ ରହିଛି। ଜରୁରୀକାଳୀନ ସେବା ପାଇଁ ଅତିରିକ୍ତ ୮୦ଟି କୋଭିଡ ରୋଗୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ଦୁଇଟି ଆଡଭାନ୍ସ ଲାଇଫ ସପର୍ଟ(ଏଏଲ୍ଏସ୍) ଆମ୍ବୁଲାନ୍ସ ବୁଧବାର ଯୋଗାଇ ଦିଆଯାଇଛି। ତେବେ ଜିଲାରେ ୧୦୮ ଡାକ୍ତର ପଦବୀ ଖାଲି ରହିଛି। ୬୮ ବିଶେଷଜ୍ଞ ଡାକ୍ତର ଆବଶ୍ୟକ ସ୍ଥଳେ ୧୧ ଜଣ ରହିଛନ୍ତି। ୨୧ଟି ଫାର୍ମାଶିଷ୍ଟ, ୨୭୭ ଷ୍ଟାଫନର୍ସ, ୩୭ ଏଏନ୍ଏମ୍ ଓ ୨୪ ଟେକ୍ନିସିଆନ ପଦବୀ ଖାଲି ରହିଛି। କରୋନା ପରିଚାଳନାରେ ଏହା ହିଁ ସମସ୍ୟା ପାଲଟିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ସରକାରଙ୍କ ପକ୍ଷରୁ ଦୁଇଟି ଏଏଲ୍ଏସ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଛି। ଜିଲା କୋଭିଡ ହେଲ୍‌ଥ ସେଣ୍ଟର, ୨ଟି କୋଭିଡ କେୟାର ସେଣ୍ଟର ବ୍ୟବସ୍ଥା କରଯାଇଛି। ଆମ ଜିଲାର ଡାକ୍ତର ହିଁ ସେବା ଯୋଗାଇବେ। ଅତିଶୟ ଗୁରୁତର ରୋଗୀଙ୍କୁ କୋରାପୁଟ ଓ ବ୍ରହ୍ମପୁର ସ୍ଥାନାନ୍ତର କରାଯିବ ବୋଲି ଜିଲାପାଳ କହିଛନ୍ତି। ଏବେ ସୁଦ୍ଧା ୧୨୨୧ ଜଣ ଜିଲାରେ ଆକ୍ରାନ୍ତ ହୋଇଛନ୍ତି। ଚଳିତ ମାସରେ ସଂକ୍ରମିତ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବୁଧବାର ଉମରକୋଟ ବ୍ଲକ ୪ ଓ ପୌରାଞ୍ଚଳରେ ୧୫, ନବରଙ୍ଗପୁର ପୌରାଞ୍ଚଳ ୬ ଓ ବ୍ଲକରୁ ୧, ଝରିଗାଁରୁ ୨୧, ରାଇଘରରୁ ୫୨, ଚନ୍ଦାହାଣ୍ଡିରୁ ୭୭, ଡାବୁଗାଁରୁ ୩, ପାପଡାହାଣ୍ଡିରୁ ୬, କୋଷାଗୁମୁଡାରୁ ୩, ତେନ୍ତୁଳିଖୁଣ୍ଟିରୁ ୪ ଓ ନନ୍ଦାହାଣ୍ଡି ବ୍ଲକରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# କଟକଣାରେ ପୂଜା ପାଇଲେ ପ୍ରଭୁ ପୁରୁଷୋତ୍ତମ



ଅଦ୍ୱୈତ ବେଦାନ୍ତ ଆଶ୍ରମରେ ଶ୍ରୀ ରାମ ନବମୀ ଉତ୍ସବ।

ଗୁଣପୁର,୨୧।୪(ଡି.ଏନ୍.ଏ.)

ଗୁଣପୁରଠାରେ କଟକଣାରେ ରାମନବମୀ ପାଳିତ ହୋଇଛି। ତେବେ କୌଣସି ମନ୍ଦିରରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇ ନ ଥିଲା। ଜେଲପେଟାସ୍ଥିତ ଶ୍ରୀ ରାମ ମନ୍ଦିର, କରାବାଙ୍କସ୍ଥିତ ଅଦ୍ୱୈତ ବେଦାନ୍ତ ଆଶ୍ରମରେ ଶ୍ରୀରାମ ନବମୀ ପାଳନ ହୋଇଥିଲା। ନଳିନି ମହାନ୍ତିଙ୍କ ତତ୍ତ୍ୱାବଧାନରେ ନାମ ସଂକୀର୍ତ୍ତନ, ରାମ ଚରିତ ମାନସ ପାଠ ଏବଂ ଭଜନ କାର୍ଯ୍ୟକ୍ରମ ହୋଇଥିଲା। ସେହିଭଳି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ରାମ ନବମୀ ଉତ୍ସବ ପାଳନ କରାଯାଇଥିଲା। ଏଥିରେ ଆରଏସ୍ଏସ୍‌ର ଜିଲା କାର୍ଯ୍ୟବାହ ଦିଲୀପ ପଣ୍ଡା, ପ୍ରଫୁଲ୍ଲ ଶତପଥୀ, ଅନୁଷ୍ଠାନର ସଭାପତି ବି. ଗଜପତି ରାଓ, ସନ୍ତୋଷୀ ବାହାଦୁର ସୁନାର ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଔଷଧ, ଅକ୍ସିଜେନ୍ କଳାବଜାର ନ କରିବାକୁ ତାଗିଦ

- ପୋଲିସ, ପ୍ରଶାସନ ପକ୍ଷରୁ ମିଳିତ ଚଢ଼ାଉ
- ସରକାରଙ୍କ ନିର୍ଦ୍ଦେଶ ବିନା ଅକ୍ସିଜେନ୍ ବିକ୍ରି ନ କରିବାକୁ ଚେତାବନୀ



ଔଷଧ ଗୋଦାମରେ ଯାଞ୍ଚ କରାଯାଉଛି।

ରାୟଗଡ଼ା ଅଫିସ,୨୧।୪

କରୋନାର ଦ୍ୱିତୀୟ ଲହରରେ ସ୍ଥିତି ସଙ୍ଗିନ ହେବାରେ ଲାଗିଛି। ସଂକ୍ରମଣ ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ରାୟଗଡ଼ା ଜିଲାରେ ମଙ୍ଗଳବାର ୬୦ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୨୪ ଘଣ୍ଟା ମଧ୍ୟରେ ଆଉ ୮୫ ସଂକ୍ରମିତ ଚିହ୍ନଟ ହୋଇଥିବା ବୁଧବାର ସୂଚନା ମିଳିଛି। ଏହା ଏବେ ଜିଲାବାସୀ ଏବଂ ପ୍ରଶାସନ ପାଇଁ ଚିନ୍ତାର କାରଣ ହୋଇଛି। ଦେଶରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାବେଳେ ଗୁରୁତରଭାବେ ସଂକ୍ରମିତ ରୋଗୀଙ୍କୁ ଦିଆଯାଉଥିବା ରେମ୍‌ଡେସିଭର(ଆଣ୍ଟି ଭାଇରାଲ୍ ଇଞ୍ଜେକ୍ସନ)ର ଚାହିଦା ବଢ଼ିଛି। ଫଳରେ ଏହି ଇଞ୍ଜେକ୍ସନର ଅଭାବ ଦେଖାଦେଇଛି। ଏଭଳି ପରିସ୍ଥିତିରେ ସୁଯୋଗ ନେଇ ଅନେକ ସ୍ଥାନରେ ଏହି ଇଞ୍ଜେକ୍ସନ ଏବଂ ଅକ୍ସିଜେନ୍ ଗଚ୍ଛିତ ରଖି କଳାବଜାର କରାଯିବା ଆଶଙ୍କା ରହିଛି। ତେଣୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ବିଭିନ୍ନ ଜିଲାରେ ସ୍ୱତନ୍ତ୍ର ସ୍କ୍ୱାଡ୍ ପକ୍ଷରୁ ଔଷଧ ଦୋକାନ ଏବଂ ଅକ୍ସିଜେନ୍ ଫିଲିଂ ସେଣ୍ଟରରେ ଚଢ଼ାଉକରି ଯାଞ୍ଚ କରାଯାଉଛି। ଏହି କ୍ରମରେ ବୁଧବାର ରାୟଗଡ଼ା ଜିଲାପାଳ ସରୋଜ କୁମାର ମିଶ୍ର ଏବଂ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶରେ ପୋଲିସ ଓ ପ୍ରଶାସନ ପକ୍ଷରୁ ରାୟଗଡ଼ା ସହରସ୍ଥିତ ବିଭିନ୍ନ ଔଷଧ ବିତରକ ଏବଂ ଅକ୍ସିଜେନ୍ ଫିଲିଂ ସେଣ୍ଟରରେ ମିଳିତ ଚଢ଼ାଉ କରାଯାଇଥିଲା। ସ୍ଥାନୀୟ ନ୍ୟୁ କଲୋନିସ୍ଥିତ ଡିଷ୍ଟ୍ରିବ୍ୟୁଟରଙ୍କ ନିକଟକୁ ଯାଇ କରୋନା ସଂକ୍ରମିତଙ୍କ କ୍ଷେତ୍ରରେ ବ୍ୟବହାର ହେଉଥିବା ଫାଭିଭିର୍(ଆଣ୍ଟି ଭାଇରାଲ୍), ଆଣ୍ଟିବାୟୋଟିକ୍, ମଲଟି ଭିଟାମିନ୍ସ, ଭିଟାମିନ ସି ଆଦି ଔଷଧ ଗଚ୍ଛିତର ପରିମାଣ ଏବଂ କେତେ ଟଙ୍କାରେ ବିକ୍ରି ହେଉଛି ତାହାର ଯାଞ୍ଚ କରାଯାଇଥିଲା। ସେହିପରି ରାୟଗଡ଼ା ସହର ସିରିକଣାସ୍ଥିତ ଅକ୍ସିଜେନ୍ ଫିଲିଂ ସେଣ୍ଟରରେ ଚଢ଼ାଉ କରାଯାଇ କେତେ ସିଲିଣ୍ଡର ରହିଛି ଏବଂ କଳାବଜାର ହେଉଛି କି ନାହିଁ ସେ ନେଇ ଯାଞ୍ଚ କରାଯାଇଥିଲା। ଯାଞ୍ଚବେଳେ ସମସ୍ତ କାଗଜପତ୍ର ଠିକ୍ ରହିଥିବା ଏବଂ କଳାବଜାର ହେଉ ନ ଥିବା ସୂଚନା ମିଳିଛି। ସରକାରଙ୍କ ନିର୍ଦ୍ଦେଶ ବିନା ଅକ୍ସିଜେନ୍ ବିକ୍ରି ନ କରିବାକୁ ମଧ୍ୟ ତାଗିଦ୍ କରାଯାଇଥିବା ଡ୍ରଗ୍ ଇନ୍ସପେକ୍ଟର ପ୍ରିୟରଞ୍ଜନ ନାୟକ ସୂଚନା ଦେଇଛନ୍ତି। ଔଷଧ କିମ୍ବା ଅକ୍ସିଜେନ୍ କଳାବଜାର କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ଚଢ଼ାଉରେ ରାୟଗଡ଼ା ଅତିରିକ୍ତ ଏସ୍‌ପି ରାମପ୍ରସାଦ ସାହୁ, ଅତିରିକ୍ତ ତହସିଲଦାର ସୁନୀଲ ଖରା, ଆଇଆଇସି ନିହାର ରଞ୍ଜନ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

## ଦୁର୍ଘଟଣାରେ ୨ ଗୁରୁତର

### ମାନବିକତା ଦେଖାଇ ଡାକ୍ତରଖାନା ନେଲେ ଯୁବକ

ଉମରକୋଟ, ୨୧।୪(ସ୍ୱ.ପ୍ର.)

ଉମରକୋଟ ନିକଟ ୟୁଭି-୫ ଛକ ନିକଟରେ ଏକ ବାଇକ୍ ଦୁର୍ଘଟଣା ଘଟି ୨ ଯୁବକ ଆହତ ହୋଇଛନ୍ତି। ସେମାନେ ହେଲେ ପୂଜାରୀଭରଣ୍ଡି ଗାଁର ଡମ୍ବରୁ ଗଣ୍ଡ (୨୩) ଓ ମୋନ୍ତଷ ଗଣ୍ଡ (୧୭)। ସୂଚନା ଅନୁଯାୟୀ, ଡମ୍ବରୁ ଓ ମୋନ୍ତଷ ବାଇକରେ କୌଣସି କାମରେ ରାଇଘର ଯାଇଥିଲେ। ଫେରିବା ବାଟରେ ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଉଭୟେ ଛିଟିକିଯାଇ ରାସ୍ତା ଉପରେ ପଡି ଗୁରୁତର ହୋଇଥିଲେ। ଏହି ସମୟରେ ଉକ୍ତ ରାସ୍ତା ଦେଇ ଯାଉଥିବା ଅସ୍ୱକ ଅହମ୍ମଦ ନାମକ ଜଣେ ଯୁବକ ସେମାନଙ୍କୁ ଉଦ୍ଧାରକରି ନିଜ ଇନୋଭା ଗାଡ଼ିରେ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏହାପରେ ସେମାନଙ୍କ ମୋବାଇଲ ଫୋନ୍‌ରୁ ତାଙ୍କ ପରିବାର ଲୋକଙ୍କୁ ଯୋଗାଯୋଗ କରିଥିଲେ। ଡମ୍ବରୁ ଓ ମୋନ୍ତଷଙ୍କ ମୁଣ୍ଡ, ଛାତି ଓ ଗୋଡ଼ରେ ଆଘାତ ଲାଗିଛି। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି।

# ୨ ଯାଏ ସବୁ ଦୋକାନ ବଜାର ବନ୍ଦ

ଝରିଗାଁ, ୨୧।୪(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକରେ କରୋନା ମହାମାରୀ ସଂକ୍ରମଣ ଅସମ୍ଭାଳ ସ୍ଥିତିରେ ପହଞ୍ଚିବାରେ ଲାଗିଲାଣି। କରୋନାର ଦ୍ୱିତୀୟ ଲହରରେ ବ୍ଲକ୍‌ରେ ୨ଶହରୁ ଅଧିକ ଲୋକ ସଂକ୍ରମିତ ହୋଇଛନ୍ତି। କେତେକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଅଛି। ଏହାକୁ ନଜରରେ ରଖି ଶୁକ୍ରବାରଠାରୁ ମେ' ୨ ତାରିଖ ପର୍ଯ୍ୟନ୍ତ ଝରିଗାଁ ସଦର ମହକୁମାର ସମସ୍ତ ଦୋକାନ ବଜାର, ହୋଟେଲ ଆଦି ବନ୍ଦ କରିବାକୁ ବଣିକ ସଂଘ ନିଷ୍ପତ୍ତି ନେଇଛି। ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ ବୈଠକରେ ବିଡିଓ ପ୍ରଶାନ୍ତ କୁମାର ରାଉତ, ତହସିଲଦାର ହୃଷୀକେଶ ଗଣ୍ଡ, ଥାନାଧିକାରୀ ଉମେଶ କୁମାର ସାହୁ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପ୍ରିୟରଞ୍ଜନ ଦାସ, ସରପଞ୍ଚ ଅଗନ୍ତି ପୂଜାରୀ, ପିଇଓ ଦେବାଶିଷ ଦାଶଙ୍କ ସମେତ ବ୍ୟବସାୟୀମାନେ ଉପସ୍ଥିତ ଥିଲେ। ସେହିପରି କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାରଠାରୁ ମେ ୧ ପର୍ଯ୍ୟନ୍ତ ଝରିଗାଁ ବ୍ଲକର ବେଲଗାଁ ପଞ୍ଚାୟତର ସଦର ଗାଁ, ତେଲଗାଁ, ଧୋଡ୍ରା ପଞ୍ଚାୟତର ଗୋବରୀ, କୁଚିଛାପର ପଞ୍ଚାୟତର ଚିକିଲି, ଝରିଗାଁ ପଞ୍ଚାୟତର ତାଲିଆମ୍ବ, ଜୟନ୍ତୀ ନଗର, ଶିରାଗୁଡ଼ା, ଉଦୁଲିଆଗୁଡ଼ା ଆଦି ଗ୍ରାମକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଝରିଗାଁ ବ୍ଲକ ସଦର, ଭାଲୁକୁନାଡି, ଏକମ୍ବା-ଖ ଏବଂ ଧୋଡ୍ରାଠାରେ କ୍ଲଷ୍ଟର ଟିଏମ୍‌ସି ଖୋଲାଯାଇଥିବା ନେଇ ବିଡିଓ କହିଛନ୍ତି।



ନବରଙ୍ଗପୁର ଜିଲା ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ବୁଧବାର ମ୍ୟୁନିସିପାଲିଟି ୱାର୍ଡ ନଂ. ୯ ଶିବାଜୀନଗରଠାରେ ଏବଂ ପରେ ୱାର୍ଡ ନଂ. ୮ ଡଙ୍ଗରୀସାହିଠାରେ ଏକ କମ୍ୟୁନିଟି ସେଣ୍ଟରର ଶିଳାନ୍ୟାସ କରିଥିଲେ। ପରେ ଉପସ୍ଥିତ ଲୋକଙ୍କୁ ମାସ୍କ ବାଣ୍ଟିଥିଲେ।

# ଜୟପୁରରେ ରାମନବମୀ ପାଳିତ

ଜୟପୁର,୨୧।୪(ନି.ପ୍ର.)



ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କୁ ରାମବେଶରେ ସଜ୍ଜିତ କରାଯାଇଛି।

ଜୟପୁରଠାରେ ଆନନ୍ଦ ଉଲ୍ଲାସର ସହ ବୁଧବାର ଶ୍ରୀରାମ ନବମୀ ପାଳିତ ହୋଇଛି। ସକାଳୁ ରାଜାନହରସ୍ଥିତ ରଘୁନାଥ ମନ୍ଦିରରେ ଶ୍ରଦ୍ଧାଳୁମାନେ ପ୍ରଭୁ ଶ୍ରୀରାମଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ରଘୁନାଥ ମନ୍ଦିରରେ ୯ଦିନ ଧରି ପୂଜାପାଠ, ହୋମଯଜ୍ଞ ସହ ରାମାୟଣ ପାଠ କରାଯିବ । ଖେଚୁଡ଼ି, କାକରା ଭୋଗ ଲାଗି ବ୍ୟବସ୍ଥା ହୋଇଥିବା ଦେବୋତ୍ତର ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କୁ ରାମବେଶରେ ସଜ୍ଜିତ କରାଯାଇଥିଲା। ସ୍ୱତନ୍ତ୍ର ନୀତିକାନ୍ତି କରାଯାଇ ଆଳତି ହୋଇଥିଲା। ଜଗନ୍ନାଥଙ୍କ ମୁଖ୍ୟ ପୁରୋହିତ ଡମ୍ବରୁଧର ପଣ୍ଡା ଓ ସେବାୟତ ଜଗନ୍ନାଥ ତ୍ରିପାଠୀ ସମସ୍ତ ନୀତିକାନ୍ତି ସମ୍ପନ୍ନ କରିଥିଲେ। ସେହିପରି ଗୀତା ଭବନରେ ଶ୍ରୀକୃଷ୍ଣଙ୍କୁ ରାମବେଶରେ ସଜ୍ଜିତ କରାଯାଇ ପୂଜା କରାଯାଇଥିଲା। ସହରର କଣ୍ଡ୍ରାସାହିସ୍ଥିତ ଲକ୍ଷ୍ମୀନୃସିଂହ ମନ୍ଦିରରେ ନୃସିଂହଙ୍କୁ ରାମ ଅବତାରରେ ସଜ୍ଜିତ କରାଯାଇ ରାମନବମୀ ପାଳିତ ହୋଇଛି । ସ୍ୱତନ୍ତ୍ର ଭୋଗ ମିଷ୍ଟାନ ଲାଗି କରାଯାଇ ସ୍ୱତନ୍ତ୍ର ଆଳତି ହୋଇଥିବା ପୂଜକ ସୁନୀଲ ଆଚାର୍ଯ୍ୟ ସୂଚନା ଦେଇଛନ୍ତି ।

## ୧୧ ଶାଗୁଆନ, ୬ ପିଆଶାଳ ଗଣ୍ଡି ଜବତ

କୋରୁକୋଣ୍ଡା,୨୧।୪(ଡି.ଏନ୍.ଏ.):ମାଲକାନଗିରି ବନାଞ୍ଚଳ କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ତୁମାସାପାଲି ପଞ୍ଚାୟତର କାମାଲିଗୁଡ଼ା ଗ୍ରାମର ପୋଟେରୁ ନଦୀ ନିକଟସ୍ଥ ଅଞ୍ଚଳରେ ଚଢ଼ାଉ କରି ମଙ୍ଗଳବାର ବନ ବିଭାଗ ୧୧ଟି ଶାଗୁଆନ ଗଣ୍ଡି , ୬ଟି ପିଆଶାଳ ଗଣ୍ଡି ଜବତ କରିଛି। ବନାଞ୍ଚଳ ଅଧିକାରୀ ଜଗନ୍ନାଥପ୍ରସାଦ ବିଶୋୟୀ ନେତୃତ୍ୱରେ ପାଣ୍ଡ୍ରିପାଣି ବନପାଳ ମୋହନ ଗୁଡ଼ିଆ, ଏମ୍‌ଭି-୧୭ ବନପାଳ ଦିବାକର ଜେନା, କୋରୁକୋଣ୍ଡା ବନପାଳ ରାଜେଶ ସେଠୀ ସାମିଲ ହୋଇଥିଲେ। ତେବେ କର୍ମଚାରୀମାନେ ଏହି ସମୟରେ କାହାକୁ ଗିରଫ କରିପାରିନାହାନ୍ତି।

## ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଯବାନ ଆହତ

ମାଲକାନଗିରି,୨୧।୪(ଡି.ଏନ୍.ଏ.)

ପୁଣି ମାଓବାଦୀମାନେ ଯବାନଙ୍କୁ ଟାର୍ଗେଟ୍ କରିଛନ୍ତି। ସେମାନଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣ ଯୋଗୁ ଜଣେ ଯବାନ ଆହତ ହୋଇଛନ୍ତି। ଗୋଟିଏ ବଳଦର ମଧ୍ୟ ମୃତ୍ୟୁ ହୋଇଛି। ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲାରେ ଏପରି ଘଟିଛି। ନାରାୟଣପୁର ଜିଲାର ସୋନପୁର ନିକଟସ୍ଥ କୁନ୍ଦଲା ଗ୍ରାମ ନିକଟରେ ମାଓବାଦୀମାନେ ବୁଧବାର ଯବାନଙ୍କୁ ଟାର୍ଗେଟ କରି ରାସ୍ତାରେ ଏକ ଲ୍ୟାଣ୍ଡମାଇନ ଖଞ୍ଜିଥିଲେ। ଯବାନମାନେ ଏହି ରାସ୍ତା ଦେଇ କୋମ୍ବିଂ ଅପରେଶନରୁ ଫେରୁଥିବା ବେଳେ ଲ୍ୟାଣ୍ଡମାଇନଟି ବିସ୍ଫୋରଣ ହୋଇଥିଲା। ଫଳରେ ଏଥିରେ ଜଣେ ଯବାନ ଆହତ ହୋଇଥିଲେ। ନିକଟରେ ଥିବା ଗୋଟିଏ ବଳଦ ମଧ୍ୟ ବିସ୍ଫୋରଣର ଶିକାର ହୋଇଥିଲା। ଆହତ ଯବାନଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋର୍‌ଦାର କରାଯାଇଥିବା ନାରାୟଣପୁର ଏଏସ୍‌ପି ନିରଜ ଚନ୍ଦ୍ରକାର କହିଛନ୍ତି।

# ଅଧାବାଟରେ ସ୍ୱାମୀଙ୍କ ମୃତ୍ୟୁ

### ହାଇଦ୍ରାବାଦରୁ ଗ୍ରାମକୁ ଆସୁଥିଲେ ପ୍ରବାସୀ ଦମ୍ପତି

ବୋରିଗୁମ୍ମା,୨୧।୪(ଡି.ଏନ.ଏ.)

ହାଇଦ୍ରାବାଦର ଏକ ଇଟାଭାଟିରେ ଶ୍ରମିକ ରୂପେ କାର୍ଯ୍ୟ କରୁଥିବା ପ୍ରବାସୀ ଦମ୍ପତି ନିଜ ଗ୍ରାମ ନୂଆପଡାକୁ ଫେରୁଥିବା ବେଳେ ବାଟରେ ସ୍ୱାମୀଙ୍କ ମୃତ୍ୟୁ ଘଟିଛି। ଫଳରେ ୬୩ ନଂ. ଜାତୀୟ ରାଜପଥରେ ତାଙ୍କ ମୃତଦେହ ପଡି ରହିବା ପରି ଦୃଶ୍ୟ ଦେଖିବାକୁ ମିଳିଛି ମିଳିଛି। ଖବରରୁ ଜଣାପଡିଛି ନୂଆପଡା ଜିଲା ସିନାପାଲି ବ୍ଲକ ଗୁଣ୍ଡାବାଲି ଗ୍ରାମର ଶ୍ୟାମ ଭୋଇ (୪୮) ତାଙ୍କ ସ୍ତ୍ରୀ କ୍ଷୀର ଭୋଇ ହାଇଦ୍ରାବାଦରର ଏକ ଇଟାଭାଟି ମାଲିକଙ୍କ ପାଖରେ ୬ମାସ ହେଲା କାର୍ଯ୍ୟ କରୁଥିଲେ। ଗତ କିଛି ଦିନ ହେବ ଶ୍ୟାମଙ୍କ ଦେହ ଖରାପ ହୋଇଥିଲା। ମାଲିକ ତାଙ୍କୁ ନିଜଘରକୁ ଚାଲିଯିବାକୁ କହିଥିଲେ। ସେମାନେ ମଙ୍ଗଳବାର ହାଇଦ୍ରାବାଦଠାରୁ ନିଜ ଗ୍ରାମ ଅଭିମୁଖେ ବାହାରି ବୁଧବାର ସକାଳେ ଏକ ବସ୍ ଯୋଗେ ଛତିଶଗଡ଼-ଓଡ଼ିଶା ସୀମାନ୍ତରେ ପହଞ୍ଚିଥିଲେ। ଚାନ୍ଦିଲିଠାରୁ ଏକ ଅଟୋ ଯୋଗେ ଆସିବା ବେଳେ ବାଟରେ ଶ୍ୟାମଙ୍କ ଝାଡାବାନ୍ତି ହୋଇଥିଲା। ଫଳରେ ଅଟୋ ଚାଳକ ତାଙ୍କୁ ବୋରିଗୁମ୍ମା ବ୍ଲକର କସଗୁଡା ନିକଟରେ ଓଲାଇ ଚାଲି ଯାଇଥିଲେ। କିଛି ସମୟ ପରେ ଶ୍ୟାମଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ବୋରିଗୁମ୍ମା ତହସିଲଦାର ସୁବାସ ଚନ୍ଦ୍ର ରାଇତା, ଅତିରିକ୍ତ ତହସିଲଦାର କାହ୍ନୁଚରଣ ପଟ୍ଟନାୟକ ଏବଂ ବୋରିଗୁମ୍ମା ଥାନା ଅଧିକାରୀ ସଞ୍ଜୟ କୁମାର ମଣ୍ଡଳ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ଏକ ସତନ୍ତ୍ର ଗାଡ଼ି ଯୋଗେ ତାଙ୍କ ଗ୍ରାମକୁ ପଠାଇଥିବା ତହସିଲଦାର ରାଇତା କହିଛନ୍ତି।

## କୋରାପୁଟ ଜିଲାରୁ ପୁଣି ୬୨ ପଜିଟିଭ

କୋରାପୁଟ,୨୧।୪ (ସ୍ୱ.ପ୍ର)

କୋରାପୁଟ ଜିଲାରେ ବୁଧବାର ୬୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଜିଲାର ଜୟପୁର ପୌରାଞ୍ଚଳରୁ ୨୮, କୋରାପୁଟ ପୌରାଞ୍ଚଳରୁ ୯, ସୁନାବେଡା ପୌରାଞ୍ଚଳରୁ ୪ ଓ କୋଟପାଡ ଏନଏସିରୁ ୨ ଥିବାବେଳେ ଅନ୍ୟମାନେ ବୋରିଗୁମ୍ମା ୪, କୋରାପୁଟ କୋଟପାଡ,ଲକ୍ଷ୍ମୀପୁର, ପଟାଙ୍ଗି, କୁନ୍ଦୁରା ଦଶମନ୍ତପୁର ବ୍ଲକରୁ ଚିହ୍ନଟ ହୋଇଛନ୍ତି।

## ଆଇଟିଆଇ କେନ୍ଦ୍ର ଜମି ଚିହ୍ନଟ ବେଳେ ଆପତି ଉଠାଇଲା ଜଙ୍ଗଲ ବିଭାଗ

କୋରାପୁଟ,୨୧।୪ (ସ୍ୱ.ପ୍ର)

କୋରାପୁଟ ଜିଲାର ନନ୍ଦପୁରଠାରେ ସରକାରୀ ଆଇଟିଆଇ କେନ୍ଦ୍ର ନିର୍ମାଣ ଲାଗି ସ୍ଥାନୀୟ ତହସିଲ ପ୍ରଶାସନ ପକ୍ଷରୁ ୧୦ ଏକର ଜମି ପ୍ରଦାନ କରାଯାଇଥିଲା । ଏହି ଜମି ଚିହ୍ନଟ ନେଇ ବୁଧବାର ଉପଜିଲାପାଳ ଲଳିତ କହଁର, ଡିଆରଡିଏ ସୁନାବେଡା ଡିଭିଜନର ନିର୍ବାହୀଯନ୍ତ୍ରୀ ନଳିନିକାନ୍ତ ସେନାପତି, ନନ୍ଦପୁର ତହସିଲଦାର ନରସିଂହ ଗାଦବା, ବିଡିଓ କୈଳାସ ଚନ୍ଦ୍ର ସିଆଳ, ଫରେଷ୍ଟର ରାଜୀବ ଲୋଚନ ଖିଲ ଖଡଗପୁର ଗ୍ରାମରେ ଜମି ଚିହ୍ନଟ ପକ୍ରିୟା ଆରମ୍ଭ କରିଥିଲେ। ମାପଚୁପ ବେଳେ ଜଙ୍ଗଲ ବିଭାଗ ବ୍ୟତିକ୍ରମ ଦର୍ଶାଇଥିଲା। ରାସ୍ତାର ତଳମୁଣ୍ଡରେ ପୂର୍ବରୁ ଜଙ୍ଗଲ ବିଭାଗର ସୀମା ଥିବାବେଳେ ତହସିଲ ଏହାକୁ ଅଧା ପାହାଡ ପର୍ଯ୍ୟନ୍ତ ମାପି ନିଜର ବୋଲି ଦାବି କରିଥିଲା । ଗ୍ରାମବାସୀଙ୍କ ଲାଗି ଏକ ନୂତନ ରାସ୍ତା ନିର୍ମାଣ ପାଇଁ ଧାର୍ଯ୍ୟ କରାଯାଇଥିଲା । ମାତ୍ର ଗ୍ରାମବାସୀ ଓ ଜଙ୍ଗଲ ବିଭାଗ ଏହି ପ୍ରସ୍ତାବରେ ଆପତ୍ତି ଉଠାଇଥିଲେ। ଫଳରେ ଜଙ୍ଗଲ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ଆଉ ଏକ ଦିନ ଧାର୍ଯ୍ୟ କରାଯାଇ ଏହି ଜାଗା ଚିହ୍ନଟ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ଉପଜିଲାପାଳ କହିଥିଲେ । ସେହିଭଳି ଜଙ୍ଗଲ ନଷ୍ଟ କରିଥିବା ଗ୍ରାମବାସୀଙ୍କୁ ନୋଟିସ ଦେଇ ନିର୍ମାଣ କରାଯାଇଥିବା ଗୃହ ଭଙ୍ଗାଯିବ ବୋଲି ଫରେଷ୍ଟର ଖିଲପ୍ରକାଶ କରିଥିଲେ।

# ଶୋଭାଯାତ୍ରା କରି ଲୋକଙ୍କୁ ସଚେତନ କଲେ ଅଧିକାରୀ

ମାଲକାନଗିରି,୨୧।୪(ଡି.ଏନ୍.ଏ.)



ପ୍ରଶାସନିକ ଅଧିକାରୀମାନେ ଶୋଭାଯାତ୍ରାରେ ବାହାରି ଲୋକଙ୍କୁ ସଚେତନ କରୁଛନ୍ତି।

ମାଲକାନଗିରି ଜିଲାରେ ୩୧ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ମାଲକାନଗିରି ପୌର ପରିଷଦ ଅଞ୍ଚଳରୁ ୯ ଜଣ, କାଳିମେଳା ବ୍ଲକରୁ ୮, କୋରୁକୋଣ୍ଡା ବ୍ଲକରୁ ୩, ମାଲକାନଗିରି ବ୍ଲକରୁ ୪, ଖଇରପୁଟ ବ୍ଲକରୁ ଜଣେ, ମାଥିଲି ବ୍ଲକରୁ ୫, ପଡିଆ ବ୍ଲକରୁ ଜଣେ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ବିଦ୍ୟାଳୟ, ମହାବିଦ୍ୟାଳୟ ବନ୍ଦ ଯୋଗୁ ଭୁବନେଶ୍ୱର, ବଲାଙ୍ଗିର, ସମ୍ବଲପୁର, କଟକ ଆଦି ଅଞ୍ଚଳର ଛାତ୍ରାବାସରେ ରହି ପାଠପଢୁଥିବା ଛାତ୍ରୀଛାତ୍ରମାନେ ଛାତ୍ରାବାସ ବନ୍ଦ ଯୋଗୁ ସେମାନେ ସେମାନଙ୍କ ଗ୍ରାମକୁ ଫେରିଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ସମ୍ପୃକ୍ତ ଅଞ୍ଚଳର ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ପ୍ରଶାସନ ନିର୍ଦ୍ଦେଶ ଦେଇଛି।

ଅନ୍ୟପକ୍ଷରେ ବୁଧବାର ଅପରାହ୍ନରେ ସହରର ଜନସାଧାରଣ, ବ୍ୟବସାୟୀଙ୍କୁ କୋଭିଡ-୧୯ ଭୟାବହତା ସମ୍ପର୍କରେ ସଚେତନ କରିବାକୁ ଜିଲା ସଦର ମହକୁମାର ପଦାଧିକାରୀମାନେ ରାସ୍ତାକୁ ଓହ୍ଲାଇଛନ୍ତି। ଉପଜିଲାପାଳ ରାମେଶ୍ୱର ପ୍ରଧାନ, ତହସିଲଦାର ଡ. ଗୁଣନିଧି ନାୟକ, ଆଇଆଇସି. ରାମପ୍ରସାଦ ନାଗ, ପୌର ନିର୍ବାହୀ ଅଧିକାରୀ ତ୍ରିଶୁଳ ମାଝି, ଅତିରିକ୍ତ ତହସିଲଦାର ସହଦ ଶବିର ଶାହା , ସମାଜସେବୀ ଦୁର୍ଯ୍ୟୋଧନ ପାତ୍ରଙ୍କ ସହ ତହସିଲ, ଥାନା, ପୌର ପରିଷଦର କର୍ମଚାରୀମାନେ ସହରରେ ଶୋଭାଯାତ୍ରାରେ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରି କରୋନା କଟକଣା ନେଇ ରହିଥିବା ନୀତି ନିୟମ ପାଳନ କରିବାକୁ ଲୋକଙ୍କୁ ସଚେତନ କରିଥିଲେ।

